ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha

**ଜଟଣୀ ପୌର ପରିଷଦ, ଜଟଣୀ**

**OFFICE OF THE MUNICIPAL COUNCIL: JATANI**

ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist- Khordha (Odisha), Pin-752050

**E-mail – municipalityjatni@gmail.com, Phone. No. 0674- 2490826**


# ପ୍ରସ୍ତାବ ପାଇଁ ଅନୁରୋଧ (RFP)

ସଂଖ୍ୟା ୪୩୦୩ / ତାରିଖ ୧୮.୧୧.୨୩

ଏତଦ୍ଵାରା ଜଟଣୀ ପୌରାଂଚଳରେ ପଞ୍ଜୀକୃତ ହୋଇଥିବା ମିଶନ ଶକ୍ତି ମହିଳା ସ୍ଵୟଂ ସହାୟକ ଗୋଷ୍ଠୀମାନଙ୍କୁ ଜଣାଇଦିଆଯାଉଅଛି କି, ଜଟଣୀ ପୌରାଂଚଳର ୱାର୍ଡ ସଂଖ୍ୟା ୧୦ ଓ ୧୪ ରେ ପ୍ରସ୍ତାବିତ ପିଠୁଳି ପୋଖରୀ, ନୀଳକଣ୍ଠେଶ୍ଵର ପୋଖରୀ ଓ ଖଳି ପୋଖରୀର ଉନ୍ନତିକରଣ, ପଙ୍କଉଦ୍ଧାର, ବନୀକରଣ ଏବଂ ତତସହିତ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ୱାର୍ଡ ସଂଖ୍ୟା ୧୦ ଓ ୧୪ର ମହିଳା ସ୍ଵୟଂ ସହାୟକ ଗୋଷ୍ଠୀ ସେମାନଙ୍କ ୱାର୍ଡରେ ପ୍ରସ୍ତାବିତ ଉପରଲିଖିତ ପ୍ରସ୍ତାବ ନିମନ୍ତେ ଆବେଦନ କରିବା ପାଇଁ ନିମ୍ନରେ ଦର୍ଶାଯାଇଥିବା ଆବଶ୍ୟକୀୟ କାଗଜାତ ଓ ସଠିକ ତଥ୍ୟ ନିମ୍ନସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏହି କାର୍ଯ୍ୟ ମୁକ୍ତା ନିୟମ ଅନୁଯାଇ କାର୍ଯ୍ୟକାରୀ କରାଯିବ । ଆବେଦନ କରିବାର ସମୟ ସୀମା ତା ୨୨.୧୧.୨୦୨୩ ରିଖ ସକାଳ ୧୧ ଘଟିକା ଠାରୁ ତା ୦୫.୧୨.୨୦୨୩ ରିଖ ସକାଳ ୧୧ ଘଟିକା ଧାର୍ଯ୍ୟ କରାଯାଇଅଛି । ଯଦି କୌଣସି ମିଶନ ଶକ୍ତି ମହିଳା ସ୍ଵୟଂ ସହାୟକ ଗୋଷ୍ଠୀ ନିର୍ଦ୍ଧାରିତ ସମୟ ସୀମା ମଧରେ ସେମାନଙ୍କର ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତ ପ୍ରଦାନ ନ କରନ୍ତି, ତେବେ ସେମାନଙ୍କର ପ୍ରସ୍ତାବକୁ ବିଚାରକୁ ନିଆଯିବ ନାହିଁ । ପ୍ରକାଶଥାଉକି, କେବଳ ୱାର୍ଡ ସଂଖ୍ୟା ୧୦ର ପ୍ରସ୍ତାବିତ କାର୍ଯ୍ୟ ନିମନ୍ତେ ୱାର୍ଡ ସଂଖ୍ୟା ୧୦ର ମହିଳା ସ୍ଵୟଂ ସହାୟକ ଗୋଷ୍ଠୀ ଓ ୱାର୍ଡ ସଂଖ୍ୟା ୧୪ର ପ୍ରସ୍ତାବିତ କାର୍ଯ୍ୟ ନିମନ୍ତେ ୱାର୍ଡ ସଂଖ୍ୟା ୧୪ର ମହିଳା ସ୍ଵୟଂ ସହାୟକ ଗୋଷ୍ଠୀ ଏଥିରେ ଭାଗ ନେଇପାରିବେ । ଅଧିକ ସୂଚନା ପାଇଁ କାର୍ଯ୍ୟାଳୟର ୱେବ ସାଇଟ୍ www.jatnimunicipality.in କୁ ଯାଇ ସବିଶେଷ ତଥ୍ୟ ପାଇପାରିବେ ।

**୧. ସାଧା କାଗଜରେ ଆବେଦନ ପତ୍ର**
**୨. ଗୋଷ୍ଠୀ ନିର୍ଦ୍ଧାରଣର ନକଲ**
**୩. ବ୍ୟାଙ୍କ ଖାତା ନକଲ**
**୪. ପ୍ୟାନ୍ କାର୍ଡ ନକଲ**
**୫. ଗୋଷ୍ଠୀ ପଂଚସୂତ୍ର ପାଳନ କରୁଥିବେ**
**୬. ଗୋଷ୍ଠୀ ଖାତାରେ ୩ ଲକ୍ଷ ଟଙ୍କା ଜମା ଥିବ**
**୭. ଗୋଷ୍ଠୀ ଅତିକମରେ ୧ ବର୍ଷ ପୁରୁଣା ହୋଇଥିବ ।**

କାର୍ଯ୍ୟନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ

**ଉପପତ୍ର ସଂଖ୍ୟା** ୪୩୦୫ **/ ତାରିଖ** ୧୮.୧୧.୨୩

ଏହାର ଏକକିତା ନକଲ ପୌର କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ସିଡିପିଓଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ତହସିଲଦାରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଲଗାଇବାକୁ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ

**ଉପପତ୍ର ସଂଖ୍ୟା** ୪୩୦୪ **/ ତାରିଖ** ୧୮.୧୧.୨୩

ଏହାର ଏକକିତା ନକଲ ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା ସରକାରଙ୍କ ଅବଗତି ଏବଂ ଏକଗୋଟି ଓଡିଆ ଖବର କାଗଜରେ ପ୍ରକାଶନ କରିବା ପାଇଁ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ